# ପୁନର୍ବାସ ଓ ଥଇଥାନ ନୀତିର ସାରମର୍ମ

| | |
|---|---|
| ୧ | **ପ୍ରକଳ୍ପର ନାମ:- "ଶ୍ରୀ ଜଗନ୍ନାଥ ମନ୍ଦିର ଚତୁଃପାର୍ଶ୍ୱ ସୁରକ୍ଷା ବଳୟ ଉନ୍ନତି କରଣ ପ୍ରକଳ୍ପ"** |
| ୨ | ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତି ବିଶେଷ ଓ ସେମାନଙ୍କର ନାମ (ତଫସିଲ "କ") ରେ ସୂଚିତ କରାଯାଇଛି । |
| ୩ | ପୁନର୍ବାସ ଓ ଥଇଥାନ ପ୍ରାପ୍ୟ ପ୍ରଭାବିତ ବ୍ୟକ୍ତି ବିଶେଷଙ୍କୁ ଦିଆଯିବାକୁ ନିର୍ଧାରିତ ସମୟ ସୀମା-ଭୂମି ଅଧିଗ୍ରହଣ କ୍ଷତିପୂରଣ ଆୱାର୍ଡ ଠାରୁ ୧୮ ମାସ ଭିତରେ |
| ୪ | **ପୁନର୍ବାସ ଓ ଥଇଥାନ ସହାୟତା ବାସଗୃହ ଅଧିଗ୍ରହଣ ପାଇଁ** |
| ବାସଗୃହ ଓ ଗୃହ ନିର୍ମାଣ ସହାୟତା | <u>**ପସନ୍ଦ-କ**</u>-ଗୃହ ନିର୍ମାଣ ସହାୟତା- ଗୋଟିଏ ପରିବାର ଏକକାଳୀନ ୩୦ ଲକ୍ଷ ଟଙ୍କାର ସହାୟତା ନେଇପାରିବ<br>କିମ୍ବା<br><u>**ପସନ୍ଦ-ଖ**</u>- ପୁନର୍ବାସ ଓ ଥଇଥାନ ଗୃହ- ମନ୍ଦିର ର ୧.୫ କି.ମି. ଅଞ୍ଚଳ ମଧ୍ୟରେ ପ୍ରସ୍ତାବିତ ପୁନର୍ବାସ ଓ ଥଇଥାନ କଲୋନିରେ ୫୨୦ ବର୍ଗଫୁଟ ପରିମିତ ଘର<br>କିମ୍ବା<br><u>**ପସନ୍ଦ-ଗ**</u>- ମନ୍ଦିରର ୨ କି.ମି. ମଧ୍ୟରେ ୪୦ X ୨୫ ଫୁଟର ଏକ ଯାଗା (ପ୍ଲଟ) |
| ବିସ୍ଥାପିତ ପରିବାରଙ୍କ ପରିବହନ ତଥା ଆନୁସାଙ୍ଗିକ ସହାୟତା | ୫୦,୦୦୦/- ଟଙ୍କା ପ୍ରତି ବିସ୍ଥାପିତ ପରିବାର ପାଇଁ । |
| ଘରଭଡା ସହାୟତା | ଜାଗା (ପ୍ଲଟ) ପାଇଁ ପସନ୍ଦ କରୁଥିବା ପରିବାର ଅଧିଗ୍ରହଣ କରିବା ଦିନଠାରୁ ୧ବର୍ଷ ପର୍ଯ୍ୟନ୍ତ ମାସିକ ୧୦,୦୦୦/- ଟଙ୍କା। ଏକକାଳୀନ ସହାୟତା ନେଇଥିବା ପରିବାର ପାଇଁ ଏହା ପ୍ରଯୁଜ୍ୟ ନୁହେଁ । |
| ୫. | **ପୁନର୍ବାସ ଓ ଥଇଥାନ ସହାୟତା ଦୋକାନ ଗୃହ ଏବଂ ବ୍ୟବସାୟିକ ଅନୁଷ୍ଠାନ ଅଧିଗ୍ରହଣ ପାଇଁ** |
| ପରିବହନ ରାଶି | ଟ. ୫୦,୦୦୦/- ଦୋକାନ ପିଛା ଦିଆଯିବ ଯାହା ତାଙ୍କ ଆସବାବ ପତ୍ର କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ପରିବହନରେ ଖର୍ଚ୍ଚ କରିବେ |
| କ୍ଷୁଦ୍ର ବ୍ୟବସାୟୀ ଏବଂ ବ୍ୟବସାୟିକ ଅନୁଷ୍ଠାନ ମାନଙ୍କ | ଦୋକାନୀ ମାନଙ୍କୁ ଏହି ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ ପ୍ରସ୍ତୁତ ହୋଇଥିବା Market Complex ରେ ଉପଲବ୍ଧ ଦୋକାନ ଘର ଦିଆଯିବ । |
| ଜୀବନ ନିର୍ବାହ ସହାୟତା/ ସହାୟତା/ ଘରଭଡା ସହାୟତା | **୧**- ୬୦,୦୦୦/- ଟଙ୍କା ବାର୍ଷିକ @ ୫,୦୦୦/- ଟଙ୍କା ମାସିକ, ୨୦୦ ବର୍ଗ ଫୁଟ ରୁ କମ ଦୋକାନ ପାଇଁ।<br>**୨**- ୧,୨୦,୦୦୦/- ଟଙ୍କା ବାର୍ଷିକ @ ୧୦,୦୦୦/- ଟଙ୍କା ମାସିକ, ୨୦୦ବର୍ଗଫୁଟ ରୁ ଅଧିକ ଏବଂ ୫୦୦ ବର୍ଗଫୁଟ ରୁ କମ ଦୋକାନ ମାସିକ ପାଇଁ ।<br>**୩**. ୧,୮୦,୦୦୦/- ଟଙ୍କା ବାର୍ଷିକ @ ୧୫,୦୦୦/- ମାସିକ, ୫୦୦ ବର୍ଗଫୁଟ ରୁ ଅଧିକ ଥିବା ଦୋକାନ ପାଇଁ<br>ପସନ୍ଦ-ଖ- ଜିଲ୍ଲାପାଳ ବିଭିନ୍ନ ଅନୁଷ୍ଠାନ ସହ ଯୋଗାଯୋଗ କରି ବିଭିନ୍ନ Market Complex ମାନଙ୍କରେ ଖାଲି ପଡିଥିବା ଦୋକାନ ମାନଙ୍କୁ ପ୍ରଦାନ କରିବେ । ଏହି ପସନ୍ଦ ଟି ଦୋକାନ ମାନଙ୍କର ଉପଲବ୍ଧିରେ ଉପଲବ୍ଧ ଅଟେ । |

Land Acquisition Officer,
Security ...,
Shree Jagannath Temple, Puri

| | |
|---|---|
| ୬. | **ପୁନର୍ବାସ ଓ ଥଇଥାନ ସହାୟତା ଲଜ୍(Lodge)ର ଅଧିଗ୍ରହଣ ( ସର୍ବନିମ୍ନ ଆକାର ୧୫୦୦ ବର୍ଗଫୁଟ)** |
| ପରିବହନ ରାଶି | ଟ. ୫,୦୦,୦୦୦/- ଲଜ୍, ପିଛା ଦିଆଯିବ ଯଦି ଲଜ୍ ର ଆକାର ୩୦୦୦ ବର୍ଗଫୁଟରୁ କମ ହୋଇଥିବ ।<br>ଟ. ୧୦,୦୦,୦୦୦/- ଲଜ୍, ପିଛା ଦିଆଯିବ ଯଦି ଲଜ୍,ର ଆକାର ୩୦୦୦ ବର୍ଗଫୁଟରୁ ଅଧିକ ହୋଇଥିବ ।<br>ଯାହା ତାଙ୍କ ଆସବାବ ପତ୍ର କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ପରିବହନରେ ଖର୍ଚ୍ଚ କରିବେ । |
| ବ୍ୟବସାୟୀ ଏବଂ ବ୍ୟବସାୟିକ ଅନୁଷ୍ଠାନ ମାନଙ୍କ ଏକକାଳୀନ ସହାୟତା | **ପସନ୍ଦ କ:-** ଲଜ୍, ମାଲିକମାନଙ୍କୁ Built up area ର ପ୍ରତି ବର୍ଗଫୁଟ ପାଇଁ ୨୦୦୦ ଟଙ୍କା ଲେଖାଏଁ ଏକକାଳୀନ ସହାୟତା ଦିଆଯିବ।<br>କିମ୍ବା<br>**ପସନ୍ଦ ଖ:-** ବଡଦାଣ୍ଡର ଉଭୟ ପାର୍ଶ୍ୱର ୩୦୦ ମିଟର ମଧ୍ୟରେ ସେମାନେ ଚାହିଁଲେ ନିଜ ଲଜ୍,ର Built up area ଅନୁସାରେ ୫୦ x ୩୦, ୫୦ x ୪୦, ୫୦ x ୬୦ ବର୍ଗଫୁଟ ଜାଗା ଯୋଗାଇ ଦିଆଯିବ।ଏଥିରେ ଲଜ୍, ନିର୍ମାଣ ପାଇଁ ବର୍ଗଫୁଟ ପିଛା ୭୫୦ ଟଙ୍କା ଲେଖାଏଁ ସହାୟତା ଦିଆଯିବ। |
| ରୋଜଗାର ସହାୟତା | ପ୍ରତି ଲଜ୍,କୁ ବର୍ଗଫୁଟ ପିଛା ୨୫ ଟଙ୍କା ଲେଖାଏଁ ମାସିକ ଆର୍ଥିକ ସହାୟତ ୧୮ ମାସ ପର୍ଯ୍ୟନ୍ତ ଦିଆଯିବ। |
| ୭ | **ଉଠାଦୋକାନୀ ମାନଙ୍କ ପାଇଁ ପୁନର୍ବାସ ଓ ଥଇଥାନ ସହାୟତା** |
| କ୍ଷୁଦ୍ର ବ୍ୟବସାୟୀଙ୍କୁ ଏକକାଳୀନ ସହାୟତା | ଏକକାଳୀନ ସହାୟତା ୩୦୦୦୦ ଟଙ୍କା।<br>ସେମାନଙ୍କର ବ୍ୟବସାୟ ପାଇଁ ଜିଲ୍ଲାପାଳ ନିର୍ଦ୍ଧାରିତଜାଗା ଯୋଗାଇ ଦେବେ। |
| ୮ (କ) | **ବେଆଇନ ଦଖଲକାରୀଙ୍କ ପାଇଁ ପୁନର୍ବାସ ଓ ଥଇଥାନ ସହାୟତା:-**<br>ସରକାରୀ, ଜମି, ମଠ ଜମି, ଶ୍ରୀ ଜଗନ୍ନାଥ ମନ୍ଦିରର ଜମି ଏବଂ ଘରୋଇ ଜମି ଉପରେ ବେଆଇନ ଦଖଲ ଉପରେ ଆବାସିକ ଘର ଥିବା ପରିବାରଗୁଡିକ ପାଇଁ:<br>୧.ଏକ୍ସ-ଗ୍ରାସିଆ(Ex- Gratia) ସହାୟତା- ଯାହାକି ଗୃହର ମୂଲ୍ୟ- ଓଡିଶା R&R ନୀତି -2006 ର ଅନୁଛେଦ ୨ (ଖ) ଅନୁଯାୟୀ \|<br>୨.ଗୃହ ନିର୍ମାଣ ସହାୟତା- ପ୍ରତ୍ୟେକ ପରିବାର ପାଇଁ ଗୃହ ନିର୍ମାଣ ସହାୟତା ଟଙ୍କା 2,57,475 / -, R & DM ରିଜୋଲ୍ୟୁସନ୍ ନମ୍ବର RDM-MRC-MISC-0002-2018-40438, ତା.31.10.2018 ରିଖ ଅନୁସାରେ (ଓଡ଼ିଶା ଆର ଆଣ୍ଡ ଆର ପଲିସି 2006 - ଷଷ୍ଠ ଦ୍ୱିପାକ୍ଷିକ ସଂଶୋଧନ)।<br>୩.ସ୍ଥାନାନ୍ତର ଭତ୍ତା -ଏହି ପ୍ରକଳ୍ପ ପାଇଁ ଅନୁମୋଦିତ R&R ନୀତି ଅନୁଯାୟୀ ଟଙ୍କା-50.000 / - \| |
| ୮ (ଖ) | **<u>ପୁନର୍ବାସ ଓ ଥଇଥାନ ପ୍ୟାକେଜ୍ ସରକାରୀ ଜମି, ମଠ ଜମି ଓ ଶ୍ରୀ ଜଗନ୍ନାଥ ମନ୍ଦିରର ଜମି ଏବଂ ଘରୋଇ ଜମି ଉପରେ ବେଆଇନ ଦଖଲକାରୀଙ୍କ ଥିବା ସପିଂ / ବାଣିଜ୍ୟିକ ୟୁନିଟ୍ ପାଇଁ:</u> -**<br>୧. ସ୍ଥାନାନ୍ତର ଭତ୍ତା -ଏହି ପ୍ରକଳ୍ପ ପାଇଁ ଅନୁମୋଦିତ R&R ନୀତି ଅନୁଯାୟୀ \|<br>୨.ଭଡା ସହାୟତା -ଏହି ପ୍ରକଳ୍ପ ପାଇଁ ଅନୁମୋଦିତ R&R ନୀତି ଅନୁଯାୟୀ।<br>୩. ଏକ୍ସ-ଗ୍ରାସିଆ (Ex- Gratia) ସହାୟତା- ଯାହାକି ଗୃହର ମୂଲ୍ୟ- ଶ୍ରୀ ଜଗନ୍ନାଥ ମନ୍ଦିର / ମଠ ଜମିର ମାର୍ଫାତଦାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ବିକ୍ରୟ ଦଲିଲ କ୍ଷେତ୍ରରେ ଲାଗୁହେବ \|- ଓଡିଶା R&R ନୀତି -2006 ର ଅନୁଛେଦ ୨ (ଖ) ଅନୁଯାୟୀ ଏବଂ ଆଇନ ବିଭାଗ ଚିଠି ସଂଖ୍ୟା- JTA-102-2019/13204,ତା-01.12.2019.<br>୪. ଷ୍ଟାଣ୍ଡାର୍ଡ ସାଇଜ୍ ଦୋକାନ RSD ଧାରକମାନଙ୍କୁ ବଣ୍ଟନ କରାଯିବ (କ୍ରେତାଙ୍କ ନାମରେ ଦାଖଲ-ଖାରଜ ହୋଇ |

Land Acquisition Officer
SECUR[illegible]
SHREE JAGANNATH [illegible], PURI

| | |
|---|---|
| | ନଥିବା କ୍ଷେତ୍ରରେ)। |
| ୮ (ଗ) | **<u>ପୁନର୍ବାସ ଓ ଥଇଥାନ ପ୍ୟାକେଜ୍ ସରକାରୀ ଜମି, ମଠ ଜମି ଓ ଶ୍ରୀ ଜଗନ୍ନାଥ ମନ୍ଦିରର ଜମି ଏବଂ ଘରୋଇ ଜମି ଉପରେ ବେଆଇନ ଦଖଲକାରୀଙ୍କ ଥିବା ଲଜ୍ ପାଇଁ:</u> -**<br>**୧.** ସ୍ଥାନାନ୍ତର ଭତ୍ତା- ଏହି ପ୍ରକଳ୍ପ ପାଇଁ ଅନୁମୋଦିତ ନୀତି ଅନୁଯାୟୀ ୩000 ବର୍ଗଫୁଟରୁ ଅଧିକ ପ୍ଲଟ୍ ଏରିଆ ପାଇଁ ଯଥାକ୍ରମେ ୧0,00,000 / - ଏବଂ ୩000 ବର୍ଗଫୁଟରୁ କମ୍ ପ୍ଲଟ୍ କ୍ଷେତ୍ର ଥିବା ଲଜ୍ ପାଇଁ ଯଥାକ୍ରମେ ୫,00,000 / - ପ୍ରଦାନ କରାଯିବ \|<br>୨. ଆୟ ସହାୟତା ପ୍ରତି ବର୍ଗଫୁଟ ନିର୍ମିତ କ୍ଷେତ୍ରର @ Rs 25 / - ପ୍ରତି ମାସ ସମ୍ପତ୍ତି ଅଧିଗ୍ରହଣ ତାରିଖ ଠାରୁ1୪ ମାସ ପାଇଁ \|<br>୩. ଏକ୍ସ-ଗ୍ରାସିଆ(Ex- Gratia) ସହାୟତା- ଯାହାକି ଗୃହର ମୂଲ୍ୟ- ଓଡିଶା R&R ନୀତି -2006 ର ଅନୁଛେଦ ୨ (ଖ) ଅନୁଯାୟୀ \| |
| ୮ (ଘ) | **<u>ଦୋକାନ ଏବଂ ଗୋଡାଉନ୍ ପାଇଁ ଏକକାଳୀନ ସହାୟତା</u>**<br>ଦୋକାନ ଏବଂ ଗୋଡାଉନ୍ ପାଇଁ ଏକକାଳୀନ ସହାୟତା ଦୋକାନଗୁଡିକର ନିର୍ମିତ କ୍ଷେତ୍ରର ପ୍ରତି -ବର୍ଗ ଫୁଟ ପ୍ରତି @ 2000 / - ପ୍ରଦାନ କରାଯିବ \|<br>ବି.ଦ୍ର: ଏକ କାଳୀନ ସହାୟତା ଗ୍ରହଣ କଲେ ଅନ୍ୟାନ ସହାୟତା ପାଇଁ ହକ୍ ଦାର ହେବେନାହିଁ । |
| ୮ (ଙ) | **୧. ଦୋକାନରେ ଭଡାଦୋକାନୀ ଥିବା କ୍ଷେତ୍ରରେ ପୁନର୍ବାସ ଓ ଥଇଥାନ ସହାୟତା \|**<br>(i) **ଦୋକାନ ମାଲିକର ପୁନର୍ବାସ ଓ ଥଇଥାନ ସହାୟତା**<br>**(କ) ଷ୍ଟାଣ୍ଡାର୍ଡ ସାଇଜ୍ ଦୋକାନ**<br>**(ଖ)** ଆୟ ସହାୟତା ପ୍ରତି ବର୍ଗଫୁଟ ନିର୍ମିତ କ୍ଷେତ୍ରର @ Rs 25 / -<br>(ii) **ଭଡା ଦୋକାନୀର ପୁନର୍ବାସ ଓ ଥଇଥାନ ସହାୟତା**<br>**(କ)** ସ୍ଥାନାନ୍ତର ଭତ୍ତା -ଏହି ପ୍ରକଳ୍ପ ପାଇଁ ଅନୁମୋଦିତ R&R ନୀତି ଅନୁଯାୟୀ।<br>**(ଖ)** ଭଡା ସହାୟତା -ଏହି ପ୍ରକଳ୍ପ ପାଇଁ ଅନୁମୋଦିତ R&R ନୀତି ଅନୁଯାୟୀ।<br>ଯଦି ଦୋକାନ ମାଲିକ ଏବଂ ଦୋକାନ ଚଲାଉଥିବା ବ୍ୟକ୍ତି ସମାନ ଅଟନ୍ତି ତାହାଲେ ଉପରୋକ୍ତ କ୍ରମିକ ସଂଖ୍ୟା ମଧ୍ୟରୁ (i) କ ଏବଂ (ii) କ, ଖ ସହାୟତା ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ। |

Land Acquisition Officer
Security ...
Shree Jagannath Temple, Puri

(ପୁନର୍ବାସ ଓ ଥଇଥାନ ପ୍ଲଟ ପାଇଁ ଚିହ୍ନିତ ଭୂମି ଅଧିସୂଚୀ)

| ଗ୍ରାମର ନାମ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ରୟତଙ୍କ ନାମ |
|---|---|---|---|---|---|
| ପୁରୀ ସହର ୟୁନିଟ ନଂ- ୩ ମଙ୍ଗଳାଘାଟ | ୪୫୨ | ୮୬ | ବଗାୟତ-୩ | ଏ ୦.୫୬୮ | ସରକାରୀ |
| | | ୧୦୪ | ପତିତ | ଏ ୧.୦୦୨ | |
| | | ୧୨୧ | ପତିତ | ଏ ୧.୦୨୭ | |
| | | ୧୩୩(ସ୍ମ) | ପତିତ | ଏ ୦.୪୭୬ | |
| | | ୧୩୬ | ପତିତ | ଏ ୦.୧୬୯ | |
| | | ୧୪୦(ସ୍ମ) | ପତିତ | ଏ ୨.୫୦୦ | |
| | | ୧୨୩ | ପତିତ | ଏ ୦.୧୨୪ | |
| | | ୧୨୪ | ପତିତ | ଏ .୦.୦୮୦ | |
| | | ୧୨୬ | ପତିତ | ଏ ୦.୫୫୦ | |
| | | ୧୨୮ | ଘରବାରି | ଏ ୦.୦୧୦ | |
| | | ୧୨୯ | ଘରବାରି | ଏ ୦.୦୧୦ | |
| | ମୋଟ | | | Ac. ୬.୬୧୬ | |

ରାଜ୍ୟ କ୍ୟାବିନେଟ ତାହାର ୧୭ ତମ ବୈଠକ ତା-୧୨.୦୮.୨୦୨୦ ରିଖରେ ସନ୍ତୋଷ ପ୍ରକଟ କରି ପୁରୀ ସହର ୟୁନିଟ ନଂ- ୩ ମଙ୍ଗଳାଘାଟ ସ୍ଥିତ ଏ.୬.୬୧୬ ଡିସିମିଲି ସରକାରୀ ଜମିକୁ **"ଶ୍ରୀ ଜଗନ୍ନାଥ ମନ୍ଦିର ଚତୁଃପାର୍ଶ୍ୱ ସୁରକ୍ଷା ବଳୟ ଉନ୍ନତି କରଣ ପ୍ରକଳ୍ପ"** ର ବିସ୍ଥାପିତ ହେବାକୁ ଥିବା ଲୋକମାନଙ୍କ ପାଇଁ ପୁନର୍ବାସ ଓ ଥଇଥାନ ପ୍ଲଟ ପାଇଁ ଅନୁମୋଦନ କରିଛନ୍ତି ।

Land Acquisition Officer
Security Zone
Shree Jagannath Temple, Puri

## ଲଜ୍ ପୁନର୍ବାସ ଓ ଥଇଥାନ ପ୍ଲଟ ପାଇଁ ଚିହ୍ନିତ ଭୂମି ଅଧିସୂଚୀ

| ଗ୍ରାମର ନାମ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ରୟତଙ୍କ ନାମ |
|---|---|---|---|---|---|
| ପୁରୀ ସହର ୟୁନିଟ ନଂ-୨୧ ବଳଗଣ୍ଡି | ୨୪୨ | ୪୫୯ | ଘରବାରି | ଏ ୦.୨୫୦ | ସରକାରୀ |
| | | ୪୯୬ | ଘରବାରି | ଏ ୧.୬୮୩ | ସରକାରୀ |
| | ୧୫୦ | ୪୬୧ | ଘରବାରି | ଏ ୦.୧୬୪ | ସରକାରୀ |
| | | | ମୋଟ= | ଏ ୨.୦୯୭ | |

ବି. ଦ୍ର.- ଲଜ୍ ପୁନର୍ବାସ ପାଇଁ ଅନ୍ୟ ଭୂମି ଅନୁସୂଚିର ଚିହ୍ନଟ ପ୍ରକ୍ରିୟାରେ ଅଛି।

## (ବିସ୍ଥାପିତ ଦୋକାନୀ ମାନଙ୍କ ପାଇଁ ପ୍ରସ୍ତାବିତ ମାର୍କେଟ କାମ୍ପ୍ଲେକ୍ସ)

| ମାର୍କେଟ କାମ୍ପ୍ଲେକ୍ସର ନାମ | ମୌଜା |
|---|---|
| ମୁନିସିପାଲିଟି ମାର୍କେଟ କାମ୍ପ୍ଲେକ୍ସ | ବଳଗଣ୍ଡି |
| ମୁନିସିପାଲିଟି ମାର୍କେଟ କାମ୍ପ୍ଲେକ୍ସ | ଦୋଳମଣ୍ଡପସାହୀ |

ବି. ଦ୍ର.- ଅନ୍ୟ ମାର୍କେଟ କାମ୍ପ୍ଲେକ୍ସ ନିର୍ମାଣ ପାଇଁ ଭୂମି ଅନୁସୂଚି ଚିହ୍ନଟ ପ୍ରକ୍ରିୟାରେ ଅଛି।

Land Acquisition Officer,
Security Zone
Shree Jagannath Temple, Puri